# Akashvani, Sambalpur

## SAMBALPURI NEWS BULLETIN

### 22 April 2025- 6.47- 6.52 am.

*********************************************

ପୋପ୍ ପରଲୋକ- ରାଷ୍ଟ୍ରୀୟ ଶୋକ ପିଆଇବି

କ୍ୟାଥଲିକ୍ ଖ୍ରୀଷ୍ଟୀୟ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ଙ୍କର ପରଲୋକ ଲାଗି କେନ୍ଦ୍ର ସରକାର ତିନି ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ । ଆଏଜ୍ ଆଉ ଆଏବା କାଏଲ୍ ଦୁଇଦିନ୍ ଶୋକ ଦିବସ ପାଳନ୍ କରାଯିବା । ସେନ୍ତା ଅନ୍ତିମ ସହ୍କାର ଦିନ୍ ଆଉ ଗୁଟେଦିନ୍ ରାଷ୍ଟ୍ରୀୟ ଶୋକ ପାଳନ୍ କରାଯିବା ।

ଇନ ଜନେଇ ଦିଆଯାଇ ପାରେ ଯେ ସାରା ପୃଥିର୍ କ୍ୟାଥଲିକ୍ ଖ୍ରୀଷ୍ଟିଆନ୍ ମାନଙ୍କର୍ ସବୁନୁ ବଡ଼ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ଙ୍କର ଗଲା କାଏଲ୍ ୮୮ ବଛର୍ ବୟସେ ଭାଟିକାନ୍ ସିଟି ନ ଥିବା ତାଙ୍କର ବାସଭବନ୍ ନ ପରଲୋକ ହେଇ ଯାଇଛେ ।

ସିଏମ୍ କିଷାନ୍ ସାହାଜ୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଚାଷ୍ ଅନୁକୂଲ୍ ପରବ୍ ଅଖି ତୁର୍ତିଆ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର୍ ୫୦ ଲାଖ୍‌ନୁ ଅଏତ୍‌କା ଚାଷୀମାନଙ୍କୁ ଖରିଫ୍ ରତୁ ଲାଗି ସିଏମ୍ କିଷାନ୍ ସାହାଜ୍ ଟଙ୍କା ବାଁଟ୍‌ବେ । ଡିବିଟି ଜରିଏ ସିଧାସଲଖ୍ ଚାଷୀମାନଙ୍କର୍ ଆକାଉଂଟକେ ଇ ସାହାଜ୍ ଟଙ୍କା ପଠାଯିବା ବଲି ରାଜ୍ୟ ସରକାରଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ୧୦ ନମ୍ବର ଜନ ଅଭିଯୋଗ ଶୁଣାଣି ଗଲା କାଏଲ୍ ସମ୍ବଲପୁର ଠାନେ କରିଛନ୍ । ମୁଖ୍ୟମନ୍ତ୍ରୀଙ୍କର ଇ ଜନଶୁଣାଣି ଶିବିର ଟିକେ ଖାସ୍ ଥିଲା । ଇଥର ଲୁକେ ସରକାରଙ୍କ ପାଖକେ ଯିବା ବଦଲେ ସରକାର ଲୁକ୍‌କର ପାସ୍‌କେ ଆସିକରି ସମସ୍ୟା ବୁଝିଛନ୍ ଆର୍ ତାର୍ ସମାଧାନ ବି କରିଛନ୍ । ଆଏବା ଦିନ୍ ମାନ୍‌କୁ ସରକାର୍ ରାଏଜର୍ ଅଲଗା ଜାଗା ମାନ୍‌କେ ଭିଲ୍ ଲୁକଙ୍କର ପାଖ୍‌କେ ଯାଇକରି ସେମାନଙ୍କର ସମସ୍ୟା ବୁଝ୍‌ବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ଠାନେ ହେଇଥିବା ଶିବିର ଥି ପଞ୍ଜୀକୃତ ହଜାରେ ଝନ୍ ଆଉ ୧୪ ଶହ ଅଣ ପଞ୍ଜୀକୃତ ଲୋକଙ୍କର ଅଭିଯୋଗର ଶୁଣାଣି କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସହେତେ ୧୨

ଜଣ ମନ୍ତ୍ରୀ, ବିଭାଗୀୟ ସଚିବ ଆଉ ଭିନ୍‌ଭିନ୍ ପଦାଧିକାରୀମାନେ ଯୋଗ ଦେଇକରି ପଶ୍ଚିମ ଓଡ଼ିଶାର ୧୦ ଟା ଜିଲ୍ଲା ଲୋକଙ୍କ ଅଭିଯୋଗ ଶୁନିଥିଲେ ।

ଓଏଚ୍‌ପିସି ପ୍ରତିଷ୍ଠା ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ - ଓଏଚ୍‌ପିସିର ୩୦ ନଂ ପ୍ରତିଷ୍ଠା ଦିବସ ଗଲା କାଏଲ୍ ଭୁବନେଶ୍ୱର ଆଇଆଇଏମ୍‌ଟି ପ୍ରେକ୍ଷାଳୟ ଠାନେ ପାଳିତ୍ ହୋଇଯାଇଛେ । କାର୍ଯ୍ୟକ୍ରମ ଥି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମଥି ଏକ୍ ନମ୍ବର ହାଉସ୍ କିପିଙ୍ଗ ୟୁନିଟ୍ ଭାବେ ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପ ଆଉ ୨ ନମ୍ବର ଭଲ୍ କାମ କରିଥିବା ୟୁନିଟ୍ ଭାବେ କଳାହାଣ୍ଡି ଜିଲ୍ଲାର ମୁଖିଗୁଡା ଇନ୍ଦ୍ରାବତି ଜଳ ବିଦ୍ୟୁତ୍ ପ୍ରକଳ୍ପ ପୁରସ୍କୃତ ହୋଇଛେ ।

୨୦ ନୂଆ ସାଏବର ଥାନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଉ ୨୦ ଟା ପୁଲିସ୍ ଜିଲ୍ଲା ନ ନୂଆ ସାଏବର ଅପରାଧ୍ ଆର୍ ଅର୍ଥନୈତିକ ଅପରାଧ୍ ଥାନା ଖୁଲ୍‌ବା । ଅର୍ଥ ବିଭାଗର ମଞ୍ଜୁରୀ ପାଏଲା

ଉତ୍‌ରୁ ଇ ନୂଆ ଥାନା ଖୁଲ୍‌ବା ବୋଲି ଗୃହ ବିଭାଗ ତରଫୁ ସୁଚନା ଦିଆଯାଇଛେ । ଆଗୋନୁ ରାଏଜର ୧୪ ଟା ଜିଲ୍ଲାନ ସାଏବର ଆର୍ ଅର୍ଥନୈତିକ ଥାନା ଥିବାର୍‌ବେଲେ ଆଉ ୨୦ ଟା ଥାନା ରାଏଜେ ସାଏବର ଆର୍ ଅର୍ଥନୈତିକ୍ ଅପରାଧ ରୁକ୍‌ବାର୍ ଦିଗେ ପୁଲିସ୍‌କେ ବହୁତ୍ ବଳ ଦେବା ବୋଲି କୁହାଯାଉଛେ । ୨୦ ଟା ନୂଆଜିଲ୍ଲା ଭିତ୍‌ରେ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ବରଗଡ଼, ବୌଦ୍ଧ, ନୂଆପଡ଼ା, ସୁବର୍ଣ୍ଣପୁର, ଦେବଗଡ଼ ଜିଲ୍ଲା ରହିଛେ ।

ବନ୍ୟା ମୁକାବିଲା ଆର୍‌ଏନ୍‌ୟୁ ସମ୍ବଲପୁର୍

ବର୍ଷା ଦିନ୍ ଆଗୋନୁ ଜଳ ସମ୍ପଦ ବିଭାଗ ତରଫୁ ସମ୍ଭାବ୍ୟ ବନ୍ୟା ପ୍ରସ୍ତୁତି ବୈଠକ ହେଇ ଯାଇଛେ । ନିଜର୍ ନିଜର୍ ଇଲାକା ନ ଥିବା ନଏଦ୍ ବନ୍ଧାମାନକର ସ୍ଥିତି ବାବ୍‌ଦେ ଟିକିନିକ୍ ରିପୋଟ୍ ଏପ୍ରିଲ୍ ୩୦ ତାରିଖ୍ ତକ୍ ଦେବାର୍ କେ  ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଡକ୍ଟର ଚନ୍ଦ୍ରଶେଖର ପାଢ଼ୀ ସବୁ ଜିଲ୍ଲାପାଳ ଆଉ ମୁଖ୍ୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ । ମୌସୁମୀ ଆଏବାର୍ ଆଘୋନୁ ବନ୍ୟା ପ୍ରଭାବିତ୍ ଇଲାକା ମାନ୍‌କେ ବନ୍ୟା ମୁକାବିଲା ଲାଗି କାଣା ସବୁ ଜିନିଷ୍ ଦରକାର ସେ ବାବ୍‌ଦେ ସୂଚନା ଦେବାକେ ଡକ୍ଟର ପାଢ଼ୀ ଚିଠି ଥି ଉଲ୍ଲେଖ କରିଛନ୍ ।

ପୃଥିବୀ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ପୃଥିବୀ ଦିବସ୍ । ପୁର୍ଥି ନ ରହୁଥିବା ସବୁ ପ୍ରାଣୀ ଆର୍ ଉଭିଦମାନ୍‌କୁ ବଁଚାବାର୍ ଆର୍ ପରିବେଶ୍ ଲାଗି ଲୁକଙ୍କର୍ ଭିତ୍‌ରେ ସଚେତନ୍‌ତା ସୃଷ୍ଟି କର୍‌ବାର୍‌ଟା ଆଝିର୍ ଦିବସ୍‌ର ମୂଲ ଲକ୍ଷ୍ୟ ଆଏ । ପ୍ରଦୂଷଣ ସ୍ତର୍‌କେ ରୁକ୍‌ବାର୍ ଲାଗି ଲୁକ୍‌କର୍ ଭିତ୍‌ରେ ସଚେତନତା ବନାବାର୍‌କେ ଭିଲ୍ ଇ ଦିବସ୍‌ର ଲକ୍ଷ୍ୟ ଧାରିଜ୍ କରାଯାଇଛେ । ୧୯୭୦ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଛେ । ଇହାଦେ ଶହେ ୭୫ ଟା ଦେଶେ ପୁଥିବୀ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ପୃଥିବୀ ଦିବସର ବାର୍ତା ରହିଛେ 'ଆମ କ୍ଷମତା ଆମ ଗ୍ରହ' । କ୍ଷମତା ମାନେ ଆମେ ବ୍ୟବହାର କରୁଥିବା ଶକ୍ତି ଆଉ ଗ୍ରହ ମାନେ ପୃଥିବୀ, ଇ ବଛର୍ ବାର୍ତା ଜରିଏ ଶକ୍ତିର୍ ଗୁରୁତ୍ୱ ଆର୍ ପୃଥିବୀର୍ ଜଳବାୟୁ ପରିବର୍ତନ ବାବ୍‌ଦେ ଲୋକ୍‌କୁ ସଚେତନ କରାଯାଉଛେ ।

କଳିଙ୍ଗ ସୁପର କପ୍ I&PR

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ୍ ଟୁର୍ଣ୍ଣାମେଂଟ୍ ଥି ପହେଲା କ୍ୱାଟର ଫାଇନାଲ୍ ମେଚ୍ ଖେଲବାରକେ ଏଫ୍‌ସି ଗୋଆ ଦଲ ଆଉ ପଞ୍ଜାବ ଏଫ୍‌ସି ଦଲ

ଯୋଗ୍ୟତା ହାସଲ୍ କରିଛନ୍ । ଟୁର୍ଣ୍ଣାମେଂଟ୍‌ଥି ଗଲା କାଏଲ୍ ଖେଳା ଯାଇଥିବା ପହେଲା ପ୍ରି କ୍ୱାଟର ମେଚ୍ ଥି ଏଫ୍‌ସି ଗୋଆ ଦଳ ୩-୦ ଗୋଲ୍ ଦେଇକରି ଗୋକୁଲମ୍ କେରଳ ଏଫ୍‌ସି ଦଳ କେ ହରେଇଛେ । ୨ ନମ୍ବର ମେଚ୍ ଥି ପଞ୍ଜାବ ଏଫ୍‌ସି ଦଳ ଓଡ଼ିଶା ଏଫ୍‌ସି ଦଳ କେ ୩-୦ ଗୋଲ୍ ଥି ହରେଇଛେ ।

ଟୁର୍ଣ୍ଣାମେଂଟ୍ ଥି ଆଏଜ୍ ବିଶ୍ରାମ ଦିନ୍ ହେଇଥିବାର୍‌ବେଲେ ଆଏବାକାଏଲ୍ ପହେଲା ମେଚ୍ ବେଙ୍ଗାଲୁରୁ ଏଫ୍‌ସି ଆଉ ଇଂଟର୍‌କାଶି ଏଫ୍‌ସି ଭିତ୍‌ରେ ଖେଲାଯିବା । ଦୁଇ ନମ୍ବର ମେଚ୍ ମୁମ୍ବାଇ ସିଟି ଏଫ୍‌ସି ଆଉ ଚେନ୍ନାଇ ଏଫ୍‌ସି  ଦଳ ଭିତ୍‌ରେ ଖେଳା ଯିବା ।

ଧୁଁକାଗର୍ଡି ନୁକ୍‌ସାନ୍        ବଲାଙ୍ଗୀର ସମ୍ବାଦଦାତା

ଧୁଁକାଗର୍ଡି ଆଉ ବର୍ଷା ଥି ବଲାଙ୍ଗୀର ଜିଲ୍ଲାର୍ ଭିନ୍ ଭିନ୍ ଜାଗାନ ବହୁତ୍‌ଟେ ନୁକ୍‌ସାନ୍ ହେଇଛେ । କେତେଟା ଜାଗାନ ଘର ଆଉ ଗଛ ଭାଙ୍ଗି ଯାଇଥିଲା ବେଲ୍‌କେ ଚାଷ୍‌ବାସ୍ ନୁକ୍‌ସାନ୍ ହେଇଛେ । ଇ ବାବ୍‌ଦେ ଲୁକ୍‌କର ଅଭିଯୋଗ୍ ପାଇକରି ଉପଜିଲ୍ଲାପାଳ ସୁନୀଲ ମେହେର ଗଲା କାଏଲ୍ ତହସିଲ୍‌ଦାରମାନଙ୍କୁ କ୍ଷୟକ୍ଷତିର୍ ଆକଲନ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ ।